IV-UG—ODI-C1-Maj-P-X

UG 4th Semester Examination, 2026

ODIA

Full Marks : 100

Time : 3 hours

Answer **all** questions

The figures in the right-hand margin indicate marks

'କ' — ବିଭାଗ

୧। *ସମସ୍ତ* ପ୍ରଶ୍ନର ଉତ୍ତର *ଗୋଟିଏ* ବାକ୍ୟରେ ଦିଅ : ୧ × ୧୦

(କ) 'ଲଛମା' ଏକ କି ପ୍ରକାର ଉପନ୍ୟାସ ଅଟେ ?

(ଖ) ଗୌରୀ ଚକ୍ଷୁରେ ବିବାହଟା କଣ ?

(ଗ) ଗୋପୀନାଥ ମହାନ୍ତି କେଉଁ ଉପନ୍ୟାସ ପାଇଁ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

(ଘ) ବାଦଲ ସିଂ କିଏ ?

(ଙ) ରାମଚନ୍ଦ୍ରବେହେରାଙ୍କ କେଉଁ ଗଳ୍ପ ସଂକଳନଟି କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପାଇଛି ?

(ଚ) ନୁଗୁରୀ କିଏ ?

(ଛ) 'ଶିକାର' ଗଳ୍ପରେ ଭଗବତୀରେଣ ପାଣିଗ୍ରାହୀ କେଉଁ ଚେତନାକୁ ଗୁରୁତ୍ୱ ଦେଇଛନ୍ତି ?

(ଜ) ନନ୍ଦଦୁଲାଲ କିଏ ?

(ଝ) 'କାଲାନ୍ତର' ଏକ କି ପ୍ରକାର ଉପନ୍ୟାସ ଅଟେ ?

(ଞ) ଗାନ୍ଧିକା ବୀଣାପାଣି ମହାନ୍ତି କେଉଁ ଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ?

'ଖ' — ବିଭାଗ

9। *ପଚାଶଟି* (୫୦)ଟି ଶବ୍ଦ ମଧ୍ୟରେ *ସମସ୍ତ* ପ୍ରଶ୍ନର ଉତ୍ତର ଦିଅ : ୨ × ୯

(*Continued*)

(କ) କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଦୁଇଟି ଉପନ୍ୟାସର ନାମ ଲେଖ ?

(ଖ) ଫକୀର ମୋହନ ସେନାପତିଙ୍କ ଦୁଇଟି ଗଳ୍ପ ସଂକଳନର ନାମ ଲେଖ ?

(ଗ) ସୁରେନ୍ଦ୍ରମହାନ୍ତିଙ୍କ ଦୁଇଟି ଐତିହାସିକ ଉପନ୍ୟାସର ନାମ ଲେଖ ?

(ଘ) ଗୋପୀନାଥ ମହାନ୍ତିଙ୍କ ଦୁଇଟି ସାମାଜିକ ଉପନ୍ୟାସର ନାମ ଲେଖ ?

(ଙ) ଗୋବିନ୍ଦସରକାର କେଉଁ ପ୍ରକୃତିର ଲୋକଥିଲା ? ଉକ୍ତ ଚରିତ୍ର ବିଷୟରେ ସୂଚନା ପ୍ରଦାନ କର ?

(ଚ) ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ ଦୁଇଟି ଗଳ୍ପ ସଂକଳନର ନାମ ଲେଖ ?

(ଛ) ବେଣୁଧର ଉକ୍ତ ପରିସ୍ଥିତିରେ କ'ଣ କରିବ ବୋଲି ଠିକ୍ କରିପାରିଲା ନାହିଁ କାହିଁକି ?

(*Turn Over*)

(ଜ) ଗୋଦାବରୀଶ ମହାପାତ୍ରଙ୍କ ଦୁଇଟି ଗଳ୍ପ ସଂକଳନର ନାମ ଲେଖ ?

(ଝ) ବୀଣାପାଣି ମହାନ୍ତିଙ୍କ ଦୁଇଟି ଗଳ୍ପ ସଂକଳନର ନାମ ଲେଖ ?

'ଗ' — ବିଭାଗ

୩। ଯେ କୌଣସି ୮ଟି ପ୍ରଶ୍ନର ଉତ୍ତର ଦିଅ (୨୫୦ଟି ଶବ୍ଦ ମଧ୍ୟରେ) : ୫ × ୮

(କ) 'ଲଛମା' ଉପନ୍ୟାସ ଅବଲମ୍ବନରେ 'ମହାଦେବୀ' ଚରିତ୍ର ବିଶ୍ଳେଷଣ କର ?

(ଖ) 'ଆଜିରମଣିଷ' ଉପନ୍ୟାସ ଆନୁକୂଲ୍ୟରେ ଗୌରୀ ଚରିତ୍ରର ଭୂମିକାକୁ ଆଲୋଚନା କର ?

(ଗ) 'ଦାଦିବୁଢ଼ା' ଉପନ୍ୟାସ ମାଧ୍ୟମରେ 'ଦିଶାରୀ' ଚରିତ୍ରର ଗୁରୁତ୍ୱ କୁ ଆଲୋଚନା କର ?

(ଘ) ମାଧୁରୀ କିଏ ? ମାଧୁରୀ ଚରିତ୍ରର ବିଶେଷତ୍ୱ କ'ଣ ?

(ଙ) ଜାତି ପାଖରେ ମଣିଷର ସ୍ୱାର୍ଥ ବଡ଼ନୁହେଁ— ପଠିତ ଗଳ୍ପ "ଏବେ ମଧ୍ୟ ବଂଚିଛି" ଅନୁସରଣରେ ଏହାର ଯଥାର୍ଥତା ବିଚାର କର ?

(ଚ) 'ରେବତୀ' ଗଳ୍ପ ମାଧ୍ୟମରେ ଫକୀର ମୋହନ ସେନାପତି ସମାଜ ସଂସ୍କାରର ଯେଉଁ ପ୍ରଚେଷ୍ଟା କରିଛନ୍ତି ତାହା ଆଲୋଚନା କର ?

(ଛ) 'କାଳାନ୍ତର' ଉପନ୍ୟାସ ଅବଲମ୍ବନରେ "ସୂର୍ଯ୍ୟମଣି" ଚରିତ୍ରର ବିଶେଷତ୍ୱକୁ ଆକଳନ କର ?

(ଜ) 'ଶିକାର' ଗଳ୍ପ ଅବଲମ୍ବନରେ 'ଘିନୁଆ' ଚରିତ୍ରକୁ ବିଶ୍ଳେଷଣ କର ?

(ଝ) 'ଯାଟଦେଇ' ଗଳ୍ପ ଅବଲମ୍ବନରେ ନୁଖୁରୀ ଚରିତ୍ରର ମନସ୍ତତ୍ତ୍ୱକୁ ବିଚାର କର ?

(ଞ) "ସୁନାମେଡାଳ" ଗଳ୍ପରେ "କୃଷ୍ଣଚନ୍ଦ୍ର" ଚରିତ୍ରଟିର ଗୁରୁତ୍ୱକୁ ବିଚାର କର ?

'ଘ' — ବିଭାଗ

୪। ୮୦୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : ୮ × ୪

(କ) 'ଲଛମା' ଉପନ୍ୟାସର ନାମକରଣ ଜନିତ ସାର୍ଥକତା ପ୍ରତିପାଦନ କର ?

(ଖ) ''ଦାଦିବୁଢ଼ା'' ଉପନ୍ୟାସରେ 'ପରଜା' ସଂପ୍ରଦାୟର ସାଂସ୍କୃତିକ ଚିତ୍ର କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ?

(ଗ) ଗଳ୍ପଟି ନାମକରଣ ''ଏବେ ମଧ୍ୟ ବଂଚିଛ'' ବୋଲି କାହିଁକି ରଖାଯାଇଛି ?

(ଘ) 'ସୁନାମେଡାଲ୍' ଗଳ୍ପର ନାମକରଣ ଜନିତ ସାର୍ଥକତାକୁ ବିଚାର କର ?

(ଙ) 'ଗୋପପୁର' ଗଳ୍ପର ନାମକରଣ ଜନିତ ସାର୍ଥକତାକୁ ପ୍ରତିପାଦନ କର ?
